# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08rd September - 2024**

**News Editor : *Tapan Kumar Maharana***

******************************

## ମୁଖ୍ୟ ସମ୍ବାଦ

- ସମ୍ବଲପୁରଠାରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ-ଏମ୍ସ ପ୍ରତିଷ୍ଠା ନେଇ କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରାଯାଇଛି କହିଲେ ମୁଖ୍ୟମନ୍ତ୍ରୀ

– ସିଏମ୍ କିଷାନ ଯୋଜନାର ହେଲା ଶୁଭାରମ୍ଭ

- ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ପଶ୍ଚିମ ଓଡ଼ିଶାବାସୀ ଖାଇଲେ ନବାନ୍ନ

- ସମାଜରେ ସାକ୍ଷରତାର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଏବଂ

- ଲଘୁଚାପର ପ୍ରଭାବରେ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

*Sambalpur*

# ସିଏମ୍ କିଷାନ ଯୋଜନା- ମୁଖ୍ୟମନ୍ତ୍ରୀ

ରାଜ୍ୟ ସରକାର ଭୂମିହୀନ ଚାଷୀ, ନାମମାତ୍ର ଚାଷୀ ଏବଂ ଚାଷୀମାନଙ୍କୁ ସିଏମ୍ କିଷାନ ଯୋଜନାର ପ୍ରଥମ କିସ୍ତି ଆଜି ପ୍ରଦାନ କରିଛନ୍ତି। ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍- କିଷାନ ଯୋଜନାର ଶୁଭାରମ୍ଭ କରିବା ସହିତ ସିଏମ୍ କିଷାନ ପୋର୍ଟାଲ ଏବଂ କୃଷକ ଓଡ଼ିଶା ଏକକୀକୃତ ପୋର୍ଟାଲର ମଧ୍ୟ ଉନ୍ମୋଚନ କରିଛନ୍ତି। ସିଏମ୍ କିଷାନ ଯୋଜନାରେ ୯୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର– ଡିବିଟି ମାଧ୍ୟମରେ ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ କୃଷକ ପରିବାରଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦୁଇ ମାସ ଭିତରେ ସମସ୍ତ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ସାମିଲ ହେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବଲପୁରଠାରେ ରାଜ୍ୟର ଦ୍ୱିତୀୟ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ପ୍ରତିଷ୍ଠାନ- ଏମ୍ସ ପ୍ରତିଷ୍ଠା ହେବା ନେଇ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

**- V/O -**

ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକ ବର୍ଦ୍ଧନ ସିଂଦେଓ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

***Ganjam***

## ଗଞ୍ଜାମ- ସିଏମ୍ କିଷାନ

ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ଜିଲ୍ଲାର ପ୍ରାୟ ୨ ଲକ୍ଷ ୫୭ ହଜାର ୬୪୪ ଜଣ କ୍ଷୁଦ୍ରଚାଷୀ ଓ ୪ ହଜାର ୯୪୪ ଜଣ ଭୂମିହୀନ ଚାଷୀଙ୍କୁ ସିଏମ୍ କିଷାନ ଯୋଜନାରେ ସାହାଯ୍ୟତା ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି।

***Sambalpur/Baragarh/Boudh***

## ନୂଆଁଖାଇ-ଜିଲ୍ଲା

ଗଣପର୍ବ ନୂଆଖାଇପାଇଁ ଆଜି ପଶ୍ଚିମ ଓଡ଼ିଶା ଉତ୍ସବମୁଖର ହୋଇଉଠିଛି । ଇଷ୍ଟଦେବୀଙ୍କ ପାଖରେ ପ୍ରଥମ ଅମଳ ଖାଦ୍ୟଶସ୍ୟ ଲାଗି ହେବା ପରେ ପରିବାରର ସଦସ୍ୟମାନେ ନବାନ୍ନ ଗ୍ରହଣ କରିଥା'ନ୍ତି । ପଶ୍ଚିମ ଓଡ଼ିଶାର ଶକ୍ତିପୀଠଗୁଡ଼ିକ ମଧ୍ୟରେ ସମ୍ବଲପୁରର ମା' ସମଲେଶ୍ୱରୀ, କଳାହାଣ୍ଡିର ମା' ମାଣିକେଶ୍ୱର, ଜୁନାଗଡ଼ର ମା' ଲଙ୍କେଶ୍ୱରୀ, ବଲାଙ୍ଗିର ଓ

ପାଟଣାଗଡ଼ର ମା’ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ମା’ ସୁରେଶ୍ୱରୀ ଏବଂ ଅନ୍ୟ ଇଷ୍ଟଦେବୀଙ୍କ ନିକଟରେ ଭାଦ୍ରବ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ଆଜି ନବାନ୍ନ ଲାଗି ହୋଇଛି ।

**ନୂଆଁଖାଇ** ପର୍ବ ପାଳନ ଅବସରରେ ଲଗ୍ନ ଅନୁଯାୟୀ, ମା’ ସମଲେଶ୍ୱରୀଙ୍କଠାରେ ସକାଳ ୯ଟା ୧୨ ମିନିଟ୍‌ରୁ ୯ ଟା ୪୭ ମିନିଟ୍ ମଧ୍ୟରେ ନବାନ୍ନ ଲାଗି ହୋଇଥିଲା । ପରମ୍ପରା ଅନୁଯାୟୀ, ଆଜି ସମ୍ବଲପୁର ଇଷ୍ଟଦେବୀ ମା’ ସମଲେଶ୍ୱରୀଙ୍କ ମନ୍ଦିର ଭୋର୍ ୪ଟାରୁ ଖୋଲାଯାଇ, ମା’ଙ୍କୁ ସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ ପୂର୍ବକ ଗୁପ୍ତ ପୂଜା କରାଯାଇଥିଲା । ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁସାରେ, ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବା ପରେ ସମଗ୍ର ପଶ୍ଚିମ ଓଡ଼ିଶାରେ ଲୋକମାନେ ନୂଆ ଖାଇଥିଲେ ।

ବୌଦ୍ଧ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ପୀଠରେ ଆଜି ଧାର୍ଯ୍ୟଲଗ୍ନରେ ନବାନ୍ନ ଲାଗି କରାଯାଇଥିଲା । ମହାନଦୀର ପବିତ୍ର ଜଳକୁ ଶୋଭାଯାତ୍ରାରେ ଅଣାଯାଇ ଦେବୀଙ୍କ ପାଇଁ ଏହି ନବାନ୍ନ ପ୍ରସ୍ତୁତ କରାଯାଇଥିଲା । ମହାଆଳତୀ ପରେ ସାମୂହିକ ଭାବେ ଭକ୍ତମାନେ ନବାନ୍ନ ସେବନ କରିଥିଲେ ।

ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କଠାରେ ନୂଆଖାଇ ଅବସରରେ ନବାନ୍ନ ଲାଗି ହୋଇଛି । ଜିଲ୍ଲାରେ ଘରେ ଘରେ ଇଷ୍ଟଦେବୀଙ୍କ

ପୂଜାର୍ଚ୍ଚନା ହେବା ସହ ଧାନ କ୍ଷେତରେ ପୂଜାପରେ ଘରର ମୁରବୀ ସମସ୍ତଙ୍କୁ ନବାନ୍ନ ଖୁଆଇଥିଲେ ।

***Desk***

## ବିଶ୍ୱ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଶିକ୍ଷାଦ୍ୱାରା ସାମୁହିକ ବିକାଶ ସମ୍ଭବ ହୋଇଥାଏ। ସେଥିପାଇଁ ସାକ୍ଷରତା ଲାଗି ସଚେତନତା ସୃଷ୍ଟି ପାଇଁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ। ୧୯୬୬ ମସିହାରେ ମିଳିତ ଜାତିସଂଘର ସଂସ୍ଥା ୟୁନେସ୍କୋ ଆଜିର ଦିନକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ନିଷ୍ପତ୍ତି ନେଇଥିଲା। ନିଷ୍ପତ୍ତି ଅନୁସାରେ, ୨୦୦୯-୧୦ ମସିହାକୁ ସଂଯୁକ୍ତ ରାଷ୍ଟ୍ର ସାକ୍ଷରତା ଦଶକ ଭାବେ ପାଳନ କରାଯାଇଥିଲା। ଚଳିତ ବର୍ଷ ବହୁଭାଷୀ ଶିକ୍ଷାର ପ୍ରୋତ୍ସାହନ, ଆପୋଷ ବୁଝାମଣା ଓ ଶାନ୍ତିପାଇଁ ସାକ୍ଷରତାର ବାର୍ତ୍ତା ନେଇ ଏହି ଦିବସ ପାଳନ କରାଯାଉଛି । ନିରକ୍ଷରତା ଏକ ବିଶ୍ୱ ସମସ୍ୟା।

***Puri***

## ଶ୍ରୀମନ୍ଦିର- ରିଷି ପଞ୍ଚମୀ

ପୁରୀ ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ପଞ୍ଚମୀରେ ରିଷି ପଞ୍ଚମୀ ବ୍ରତ ପାଳନ ଅବସରରେ ପୂଜାପଣ୍ଡା ଆଜ୍ଞାମାଳ ଦେବା ସହ ଶ୍ରୀଦେବୀଙ୍କୁ ସିଂହାସନରୁ ପାଲିଙ୍କିରେ ବିଜେ କରାଇଛନ୍ତି। ଶ୍ରୀଦେବୀ ମାର୍କଣ୍ଡେୟ ମହାଦେବ ମନ୍ଦିରକୁ ବିଜେ କରିବା ପରେ ସେଠାରେ ତାଙ୍କୁ ମାଜଣା କରାଯାଇଥିଲା। ବ୍ରତ କଥା ପଠନ ଶେଷ ହେବା ପରେ ଶ୍ରୀ ଦେବୀ ଶ୍ରୀମନ୍ଦିରକୁ

ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଶ୍ରୀମନ୍ଦିରରେ ଆଜି ଦାହଲୀଳା ନୀତି ମଧ୍ୟ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ  ପରେ ଏହି ନୀତି ସମ୍ପନ୍ନ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

***Kendrapara***

## ବିଜେପି ସଦସ୍ୟତା ଅଭିଯାନ

କେନ୍ଦ୍ରାପଡ଼ାରେ ଅନୁଷ୍ଠିତ ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ଦହୁରିଆଠାରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କର ଉତ୍ସର୍ଗୀକୃତ କାମକୁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ତଥା ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡବଲ ଇଞ୍ଜିନ୍ ସରକାର ବିକାଶର ଧାରାକୁ ଆଗେଇ ନେଉଛନ୍ତି ବୋଲି ସାଂସଦ ଶ୍ରୀ ପଣ୍ଡା କହିଥିଲେ। ସାଂସଦ ଶ୍ରୀ ପଣ୍ଡା ଧାମରା-ପାରାଦ୍ୱୀପ ଶିଳ୍ପ ଭିତ୍ତିକ କରିଡ଼ର ପ୍ରତିଷ୍ଠା କରାଯିବା ପାଇଁ ପ୍ରୟାସ ଚାଲିଛି ବୋଲି କହିଥିଲେ। କେନ୍ଦ୍ରାପଡ଼ା ଦେଇ ଯାଇଥିବା ରେଳସେବା ପରିସର ପରିବ୍ୟାପ୍ତ କରାଯିବ ବୋଲି ସାଂସଦ ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

***HS***

## ଧର୍ମେନ୍ଦ୍ର ପ୍ରଧାନ- ସଦସ୍ୟତା ଅଭିଯାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଗସ୍ତରେ ଆସି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସଦସ୍ୟତା ଗ୍ରହଣ କରାଇଛନ୍ତି। ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିଜେପି ପକ୍ଷରୁ ସାରା ଦେଶରେ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଅନଲାଇନ୍ ମାଧ୍ୟମରେ

ଜନସାଧାରଣଙ୍କୁ ସଦସ୍ୟତା ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।

*CTC*

## ଦୁର୍ଗାପୂଜା ଭସାଣୀ-କଟକଣା

କଟକରେ ଅନୁଷ୍ଠିତ ହେବାକୁ ଥିବା ଦୁର୍ଗାପୂଜା ଭସାଣୀରେ ଲେଜର ଲାଇଟ୍ ଓ ଫାୟାରଗନ୍ ବ୍ୟବହାର ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି । ଶାନ୍ତି କମିଟି ବୈଠକରେ ପ୍ରଶାସନ ଏହି ନିଷ୍ପତ୍ତି ନେଇଛି । ଭୁବନେଶ୍ୱର ଏବଂ କଟକ କମିଶନରେଟ୍ ପୁଲିସ ପକ୍ଷରୁ ଡିଜେ ବ୍ୟବହାର ଉପରେ କଟକଣା ଲଗାଯାଇଥିଲା । ୧୭୫ଟି ପୂଜାମଣ୍ଡପର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ କଟକ ମହାନଗର ଶାନ୍ତି କମିଟି ଦୁର୍ଗାପୂଜା ଓ ଭସାଣ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

*HS*

## ସ୍ୱଚ୍ଛ ବାୟୁ ଦିବସ

ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପରିବେଶ ଅଧ୍ୟୟନ କେନ୍ଦ୍ରର ମିଳିତ ଉଦ୍ୟମରେ ଭୁବନେଶ୍ୱରରେ ନୀଳ ଆକାଶ ନିମନ୍ତେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଚେତନତା ସୃଷ୍ଟି କରିବା ଅବସରରେ ଏକ ସାଇକେଲ ର୍‍ୟାଲି ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ବ୍ୟାନର ଓ ପ୍ଲା’କାର୍ଡ ଦେଖାଇ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସ୍ଲୋଗାନ ଦେଇଥିଲେ ।

*Kendrapara/R*

# ପକ୍ଷୀଗଣନା

କେନ୍ଦ୍ରାପଡ଼ା ଜିଲ୍ଲାର ଭିତର କନିକା ଜାତୀୟ ଉଦ୍ୟାନରେ ଆସନ୍ତାକାଲିଠାରୁ ପକ୍ଷୀଗଣନା କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ବନବିଭାଗ ପକ୍ଷରୁ ୩ଟି ଦଳ ଗଠନ କରାଯାଇଛି । ପ୍ରତି ଦଳରେ ବନ ବିଭାଗର ୫ ଜଣ ଲେଖାଏଁ କର୍ମଚାରୀ ରହିବେ ବୋଲି ଜଣାପଡ଼ିଛି ।

*Koraput/MET*

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ ଅବପାତରେ ପରିଣତ ହୋଇ ଉତ୍ତରପଶ୍ଚିମ ଆଡ଼କୁ ଅଗ୍ରସର ହେଉଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହା ଉତ୍ତର-ପଶ୍ଚିମକୁ ଗତି କରି ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ମୁହାଁଇବ। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତରେ ପରିଣତ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି। ଆସନ୍ତାକାଲି ଏବଂ ମଙ୍ଗଳବାର ଦିନ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ଅନୁମାନ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗଞ୍ଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ପୁରୀ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ଜିଲ୍ଲାରେ ବର୍ଷାର ପରିମାଣ ଅଧିକ ରହିବ।

ସେହିପରି ପଶ୍ଚିମ ଓଡ଼ିଶା ଜିଲ୍ଲାମାନଙ୍କରେ ମଧ୍ୟ ବର୍ଷା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ କହିଛି। ଆଜି ଗୋପାଳପୁରଠାରେ ୩୭ ଦଶମିକ ୬ ମିଲିମିଟର ବର୍ଷା ହୋଇଥିବାବେଳେ କୋରାପୁଟରେ ୩୨ ଦଶମିକ ୨ ଏବଂ ନୂଆପଡ଼ାରେ ୨୫ ଦଶମିକ ୪ ବର୍ଷା ରେକର୍ଡ କରାଯାଇଛି। କୋରାପୁଟ ଜିଲ୍ଲା କୁନ୍ଦ୍ରା ବ୍ଲକ ଅନ୍ତର୍ଗତ ଦୀଗାପୁର ଗ୍ରାମରେ କୋଲାବ ନଦୀର ବନ୍ୟାଜଳ ପଶିବାରୁ ପ୍ରଶାସନ ପକ୍ଷରୁ ଲୋକ ଏବଂ ଗୃହପାଳିତ ପଶୁଙ୍କୁ ସ୍ଥାନାନ୍ତର କରାଯାଇଛି।

ଜୁନ୍ ମାସ ପହିଲାରୁ ଆଜି ସୁଦ୍ଧା ରାଜ୍ୟରେ ୮୭୪ ଦଶମିକ ୯ ମିଲିମିଟର ବର୍ଷା ହୋଇଯାଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ବର୍ଷାର ପରିମାଣ ୯୯୨ ଦଶମିକ ୭ ମିଲିମିଟର ବର୍ଷା ହୋଇଥାଏ। ମାଲକାନଗିରି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ୧୭ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ବାକି ୧୨ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି।

*****